ଆମ୍ବୁଲାନ୍ସରୁ ୯୦ କେଜି ଗଞ୍ଜେଇ ଜବତ; ଦୁଇ କୋର୍ଟ ଚାଲାଣ

॥ ପ୍ରଭାନ୍ୟୁଜ ॥ ଚଣ୍ଡିଖୋଲ,୧।୧୧: ପୁଲିସ ନଜରକୁ ହଟାଇବାକୁ ଗଞ୍ଜେଇ ବେପାରୀ ଆମ୍ବୁଲାନ୍ସରେ ଚାଲାଣ କରିବା ବାଟ ଆପଣାଇଛନ୍ତି । ଯାହାର ଖୁଲାସା ବଡ଼ଚଣା ପୁଲିସ କରିଛି । କଟକ ମଙ୍ଗୁଳିରୁ କୋଲକତାକୁ ଡ଼ବ୍ଲୁବି୪୩-୦୦୪୦ନଂ ବିଶିଷ୍ଟ ଏକ ଘରୋଇ ଆମ୍ବୁଲାନ୍ସରେ ୩ଟି ବସ୍ତାରେ ୯୦କେଜି ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଗତରାତିରେ ୧୬ନଂ ଜାତୀୟ ରାଜପଥର ବଡ଼ଚଣା ଛକ ନିକଟକରେ ପାଟ୍ରୋଲିଂ କରୁଥିବା ପୁଲିସ ଜବଦ କରିଥିଲା । ପୁଲିସ ସୂଚନାନୁଯାୟୀ ଗତକାଲି ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ମଙ୍ଗୁଳି ଛକରୁ କଲିକତା ଅଭିମୁଖେ ଯାଉଥିବା ଆମ୍ବୁଲାନ୍ସ ବଡ଼ଚଣା ଛକ ନିକଟସ୍ଥ ଏକ ହୋଟେଲ ନିକଟରେ ଛିଡା ହୋଇଥିଲା । କୌଣସି କାରଣ ବଶତଃ ପ୍ୟାଟ୍ରୋଲିଂ ଭ୍ୟାନଟି ଆମ୍ବୁଲାନ୍ସ ନିକଟରେ ରହିଯିବାରୁ ଆମ୍ବୁଲାନ୍ସ ଚାଳକ ହଡ଼ ବଡେଇ ହୋଇ ଆମ୍ବୁଲାନ୍ସକୁ ନିକଟସ୍ଥ ବାଡ଼ରେ ପିଟି ଦେଇଥିଲା। ଆମ୍ବୁଲାନ୍ସ କୁ ଦୁର୍ଘଟଣାର ଶିକାର ହୋଇଥିବା ଦେଖି ପୁଲିସ କର୍ମଚାରୀ ନିକଟରେ ପହଁଚିଥିଲା । ପୁଲିସକୁ ଦେଖି ଆମ୍ବୁଲାନ୍ସରେ ଥିବା ଦୁଇଜଣ ଗାଡି ଛାଡି ନିକଟସ୍ଥ ଧାନବିଲକୁ ଦୌଡି ପଳାଇଥିଲେ। ସନ୍ଦେହ ହେବାରୁ ପୁଲିସ ଟିମ ଆମ୍ବୁଲାନ୍ସକୁ ଯାଞ୍ଚ କରିଥିଲେ। ଯାଞ୍ଚସମୟରେ ଆମ୍ବୁଲାନ୍ସ ଭିତରୁ ୩ବସ୍ତା ଗଞ୍ଜେଇ ଜବତ କରିଥିଲେ । ବହୁ ସମୟ ଖୋଜା ଖୋଜି ପରେଦୁଇ ଫେରାର ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଛି ପୁଲିସ। ଗିରଫ ଦୁଇ ଅଭିଯୁକ୍ତ ମୟୁରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳର ଯୋଗେଶ୍ୱର କାଳିଆ ଓ ପଶ୍ଚିମବଙ୍ଗ ଅଞ୍ଚଳର ସଞ୍ଜୁ ପାତ୍ର। ଉଭୟଙ୍କୁ ବଡ଼ଚଣା ଥାନା କେଶ ନଂ୩୨୭/୨୩ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

ଦର୍ଶନ ଉଚ୍ଚ ବିଦ୍ୟାଳୟରୁ ଚୋରି

॥ ପ୍ରଭାନ୍ୟୁଜ ॥ ବ୍ରହ୍ମବରଦା,୧।୧୧: ମଙ୍ଗଳବାର ବିଳମ୍ବିତ ରାତିରେ କୁଣ୍ଡପାଟଣା ଗ୍ରାମର ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି । ଆଜି ଏହା ଜଣାପଡ଼ିବା ପରେ ପ୍ରଧାନ ଶିକ୍ଷୟତ୍ରୀ ସୁଷମା ପାଢ଼ୀ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଛି । ଅଭିଯୋଗ ମତେ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ ଉକ୍ତ ବିଦ୍ୟାଳୟର ପାଚେରି ଡେଇଁ ବିଦ୍ୟାଳୟର ଇ-ଲାଇବ୍ରେରୀ କକ୍ଷର ତାଲା ଭାଙ୍ଗି ୪ଟି କମ୍ପୁଟର, ମନିଟର, ୧ଟି ଘଣ୍ଟିଖେଳ ସାମଗ୍ରୀ ଓ କିଛି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଚୋରି କରି ନେବାସହ ମୋଟର ସଂଯୋଗ ହୋଇଥିବା ପାଣିଟାଙ୍କି ଗୃହର ତାଲା ଭାଙ୍ଗିବାରେ ବିଫଳ ହୋଇଛନ୍ତି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଥିଲେ ହେଁ ସେଭଳି କୌଣସି ସୁରାକ୍ ପାଇପାରିନି । ତେବେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଥାଉକି ୨୦୨୦ ମସିହାରେ ଉକ୍ତ ବିଦ୍ୟାଳୟରୁ ୧୬ ଗୋଟି ଫ୍ୟାନ, ମିସନ୍ ଶକ୍ତି ଗୃହରୁ ଚୋରି ଏବଂ ଏବେ ୫-ଟି ଅନ୍ତର୍ଭୁକ୍ତ ବିଦ୍ୟାଳୟରୁ ଏକାଧିକ ବାର ଚୋରି ଘଟଣା ଘଟିଥିଲେ ହେଁ ପୁଲିସ ଚୋରଙ୍କ ଟେର ପାଇବାକୁ ସକ୍ଷମ ହେଉନି । ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ କୁହନ୍ତି ଉକ୍ତ ବିଦ୍ୟାଳୟରେ ୫/୬ ମାସ ତଳେ ଜଣେ ରାତ୍ର ଜଗୁଆଳ ନିଯୁକ୍ତି ପାଇଁ ସୂଚନା ଦିଆଯାଇଥିଲା। ଏନେଇ ମା କାଳି ସ୍ୱୟଂ ସହା ଗୋଷ୍ଠି ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ଆଜି ଯାଏଁ ତାଙ୍କୁ ନିଯୁକ୍ତି ଦିଆ ନଯିବା ସହ ସିସିଟିଭି କ୍ୟାମେରାର ବ୍ୟବସ୍ଥା ନଥିବାରୁ ଏଭଳି ଘଟଣା ଘଟିଛି । ତା ସହ ରାତ୍ରି କାଳୀନ ପାଟ୍ରୋଲିଂ କଡାକଡି ଭାବେ ହେଉନଥିବାରୁ ଏଭଳି ବାରମ୍ବାର ଚୋରି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ଶିକ୍ଷକଙ୍କୁ ଜେଲ ଦଣ୍ଡାଦେଶ ରାୟ ଉପର କୋର୍ଟର କାଏମ

॥ ପ୍ରଭାନ୍ୟୁଜ ॥ ବ୍ୟାସନଗର,୧।୧୧: ଚେକବାଉନ୍ସ ମାମଲାରେ ଯାଜପୁର ରୋଡ଼ ଜେଏମଏଫସି କୋର୍ଟ ଶୁଣାଇଥିବା ଜେଲ ଦଣ୍ଡାଦେଶ ରାୟକୁ ଉପରକୋର୍ଟ କାଏମ ରଖିଛନ୍ତି । ଫଳରେ ଉପକୋର୍ଟର ଆଶ୍ରୟ ନେଇ ତଳକୋର୍ଟ ରାୟରୁ ବର୍ତିବାକ ଆଶା ରଖିଥିବା ଶିକ୍ଷକ ପାଣିକୋଇଲି ଥାନା ଅନ୍ତର୍ଗତ ଓଟିନ୍ଦା ୟୁଜିଏମଇ ସ୍କୁଲର ନିଳମଣି ନାୟକଙ୍କ ପୁଅ ନିରାକାରଙ୍କୁ ନିରାଶ ହେବାକୁ ପଡ଼ିଛି । ସୂଚନା ଥାଉକି ୫ଲକ୍ଷ ୬୦ ହଜାର ଟଙ୍କାର ଏକ ଚେକ୍ କୋରେଇ ବ୍ଲକ ତୁଳତୀ ପଞ୍ଚାୟତ ରେହେମାନପୁର ଗ୍ରାମର ଜିତେନ୍ଦ୍ର କୁମାର ନାୟକଙ୍କୁ ନିରାକାର ଦେଇଥିଲେ । ଜିତେନ୍ଦ୍ର ପାଇବାକୁ ଥିବା ଅର୍ଥ ନିମନ୍ତେ ନିରାକାର ଦେଇଥିବା ଚେକ୍‌କୁ ବ୍ୟାଙ୍କରେ ଲଗାଇବା ପରେ ଆକାଉଣ୍ଟରେ ଟଙ୍କା ନଥିବାରୁ ତାହା ବାଉନ୍ସ ହୋଇଯାଇଥିଲା । ନିରାକାର ଜିତେନ୍ଦ୍ରକୁ ବାରମ୍ବାର ଟଙ୍କା ଦେବାକୁ କହିଥିଲେ ହେଁ ସେ ଦେଇନଥିଲେ । ଫଳରେ ନିରାଶ ନିରାକାର କୋର୍ଟର ଆଶ୍ରୟ ନେଇଥିଲେ । ୨୦୨୨ରେ ସେ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତିଙ୍କ ମାଧ୍ୟମରେ ଯାଜପୁର ରୋଡ଼ ଜେଏମଏଫସି କୋର୍ଟରେ ଅପିଲ କରିଥିଲେ । ମାମଲାର ବିଚାର କରି ମାନ୍ୟବର ବିଚାରପତି ସ୍ମିତାଶ୍ରୀ ବାଣିକଲ୍ୟାଣୀ ମିଶ୍ର ନିରାକାରଙ୍କୁ ୬ଲକ୍ଷ ୨୦ହଜାର ଟଙ୍କା ଅର୍ଥ ପୈଠ ସହ ୩ମାସ ଜେଲଦଣ୍ଡାଦେଶ ଶୁଣାଇଛନ୍ତି । ଅର୍ଥ ଅନାଦେୟ ଏକମାସ ଜେଲ ଦଣ୍ଡାଦେଶ ଶୁଣାଇଥିଲେ । ଯାହା ବିରୁଦ୍ଧରେ ନିରାକାର ଅତିରିକ୍ତ ଦୌରାଜଜକୋର୍ଟର ଆଶ୍ରୟ ନେଇଥିଲେ । ଜିତେନ୍ଦ୍ରଙ୍କ ପକ୍ଷରୁ ମାମଲା ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ଲଢୁଥିଲେ ।

ସାମ୍ବାଦିକଙ୍କ ମାତୃ ବିୟୋଗ

॥ ପ୍ରଭାନ୍ୟୁଜ ॥ ଆନନ୍ଦପୁର, ୧।୧୧: ଆନନ୍ଦପୁର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ଓଝାଙ୍କ ଜୟନ୍ତୀ(୭୩)ଙ୍କ ପରଲୋକ ଘଟିଛି । ସେ କିଛିଦିନ ହେଲା ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ । ସ୍ୱର୍ଗତ ଜୟନ୍ତୀ ଜଣେ ମିଷ୍ଟଭାସି, ଅମାୟିକ ଏବଂ ପରପୋକାରୀ ମହିଳା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୁ, ନାତି ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସାନ ପୁଅ ବଦ୍ରି ମୁଖାଗ୍ନୀ ଦେଇଥିଲେ । ସ୍ୱର୍ଗତ ଜୟନ୍ତୀଙ୍କ ମୃତ୍ୟୁରେ ପ୍ରେସ ପରିଷଦ ସଭାପତି ନିରାକାର ଦଳେଇ, ସମ୍ପାଦକ ହରିଆ ପାତ୍ର, ବରିଷ୍ଠ ସଦସ୍ୟ ଇଂ କିରନ ପାଢ଼ୀ, ରତିକାନ୍ତ ସାହୁ, ସତ୍ୟ ଦାଶ, ସୋମନାଥ ମିଶ୍ର, ଗଣେଶ୍ୱର ମହାନ୍ତି, ଭରତ ବେହେରା, ଶ୍ରୀନିବାସ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ; ତଣ୍ଟି ଚିପି ହତ୍ୟା ଅଭିଯୋଗ

॥ ପ୍ରଭାନ୍ୟୁଜ ॥ ଦାନଗଦୀ, ୧।୧୧: କଳିଙ୍ଗନଗର ଥାନା ଅନ୍ତର୍ଗତ ବାରଗାଡିଆ ଗ୍ରାମରେ ଜନୈକା ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଖବର ମୁତାବକ ବାରଗାଡିଆ ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ବାସ ଗୃହ ମଧ୍ୟରେ ତାଙ୍କ ସ୍ତ୍ରୀ କୁନି (୪୫)ଙ୍କ ସନ୍ଦେହ ମୃତ୍ୟୁ ଘଟିଥିଲା । କଳିଙ୍ଗନଗର ପୁଲିସ ସୂଚନା ପାଇ ସାଇଣ୍ଟିଫିକ ଟିମ ସହାୟତାରେ ଦିବା ୨ଘଟିକା ସମୟରେ ଘଟଣାସ୍ଥଳରେ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ମୃତା ମହିଳାଙ୍କ ସ୍ୱାମୀ ପ୍ରଫୁଲ୍ଲ ସାହୁ ଫେରାର ଥିବା ବେଳେ ସ୍ଥାନୀୟ ପୁଲିସର ସନ୍ଦେହ ସୃଷ୍ଟି ହୋଇଥିଲା । ଶୁଣିବାକୁ ମିଳୁଛି ଦୀର୍ଘ ଦିନ ହେବ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କହଳ ଲାଗି ରହିଥିଲା । ସ୍ୱାମୀ ପ୍ରଫୁଲ ସ୍ତ୍ରୀ କୁନିଙ୍କୁ ତଣ୍ଟି ଚିପି ମାରି ଫେରାର ଥିବାର ସନ୍ଦେହ କରାଯାଉଛି । ପ୍ରଫୁଲଙ୍କର ଘର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିକୁଦା ଗାଁରେ ସେ ତାଙ୍କ ଭଉଣୀ ଘର ବାରଗଡିଆରେ ଦୀର୍ଘ ଦିନ ହେବ ରହୁଥିବା ଜଣାପଡିଛି । ପୁଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି ।

ବାହାଦୁରନଗର ଗ୍ରାମରେ ମଙ୍ଗଳା ଓଷା ସମାପନ

॥ ପ୍ରଭାନ୍ୟୁଜ ॥ ବାଲିକୁଦା, ୧।୧୧: ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ବାହାଦୁରନଗର ଗ୍ରାମରେ ମଙ୍ଗଳବାର ମଙ୍ଗଳା ଓଷାବ୍ରତ ରିତିନୀତି ଅନୁଯାୟୀ ପୂଜାପାଠ କରାଯାଇ ସମାପନ ହୋଇଛି । ଗ୍ରାମର ଦିଲ୍ଲିପ କୁମାର ସାମଲଙ୍କ ଘରେ ରହିଛି ବହୁ ପୁରାତନ ମା'ମଙ୍ଗଳାଙ୍କ କୋଠି । ପୁତ୍ରମାନଙ୍କର ଶୁଭମନାସି ମା'ମାନେ ମଙ୍ଗଳାଙ୍କ ନିକଟରେ ଗୁଆନଡ଼ିଆ ବସାଇ ମାନସିକ କିରିଥାନ୍ତି । ଏକମାସ ଧରି ବ୍ରତ ଚାଲିଆସିଥିଲା ବେଳେ ମଙ୍ଗଳବାର ଏହାର ସମାପନ ପୂଜାବିଧି ଅନୁଷ୍ଠିତ ହୋଇଥିଲା । ଏଥିରେ ଆଖପାଖ ଗ୍ରାମର ଶତାଧିକ ମହିଳା ଯୋଗଦେଇଥିବା ଦେଖିବାକୁ ମିଳିଥିଲା । ଏହି ଓଷାକୁ ନିଶା ମଙ୍ଗଳବାର ଓଷାବ୍ରତ କୁହାଯାଉଥିବା ବେଳେ ପୂଜା ବିଧି ମଧ୍ୟ ରାତ୍ରରେ ସମାପନ ହୋଇଥିଲା । ମହିଳାମାନେ କାଷ୍ଠା ଉପବାସ ରହି ମଧ୍ୟରାତ୍ରିରେ ପାଦୁକା ପାଇ ଅନ୍ନଜଳ ଗ୍ରହଣ କରିଥିଲେ । ଏହାକୁ ପଣ୍ଡିତ ପଙ୍କଜ କୁମାର ପାଢୀ ଓ ସମ୍ଭନାଥ

ତ୍ରିପାଠୀ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ଦିଲ୍ଲିପ ଓ ତାଙ୍କ ସହଧର୍ମିଣୀ ପୁଷ୍ପଲତା କାର୍ଯ୍ୟ ନିର୍ବାହ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସସ୍ମିତା ଦାସ ପରିଚାଳନା ଗତ ସହାୟତା ଯୋଗାଇ ଦେଇଥିଲେ ।

ଦଳିତ ଚେତନା ପୁସ୍ତକକୁ ନେଇ ସାଂସଦଙ୍କ ସହ ଆଲୋଚନା

॥ ପ୍ରଭାନ୍ୟୁଜ ॥ ବିଞ୍ଝାରପୁର, ୧।୧୧: ବିଞ୍ଝାରପୁର ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ ତଥା ଲେଖକ ଅବସର ପ୍ରାପ୍ତ ଓଡିଆ ବିଭାଗର ପ୍ରାଧ୍ୟାପକ ଡ ଦେବ ପ୍ରସାଦ ସାମଲଙ୍କ ସ୍ୱରଚିତ ପୁସ୍ତକ ସମକାଳିନ ଓଡିଆ କଥା ସାହିତ୍ୟରେ ଦଳିତ ଚେତନାକୁ ନେଇ ଯାଜପୁର ସାଂସଦ ସର୍ମିଷ୍ଠା ସେଠୀଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ଏକ ଆଲୋଚନା ଅନୁଷ୍ଠିତ ହୋଇଛି । ପୁସ୍ତକଟି ଗତ କିଛି ଦିନ ହେବ ରାଜ୍ୟର ବହୁ ବିଶିଷ୍ଟ ସାହିତ୍ୟକଙ୍କ ଉପସ୍ଥିତିରେ ବିଞ୍ଝାରପୁର ଠାରେ ଲୋକାର୍ପିତ ହୋଇଥିବା ବେଳେ ଓଡିଆ କଥା ସାହିତ୍ୟକୁ ଦଳିତ ସମୁଦାୟର ଅବଦାନ ଓ ଦଳିତଙ୍କ ସାହିତ୍ୟ ଚେତନାକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଗବେଷଣାତ୍ମକ ତଥ୍ୟ ରହିଛି । ଆଜି ଡ.ଦେବପ୍ରସାଦ ସାମଲ ସାଂସଦ ଶ୍ରୀସେଠୀଙ୍କୁ ଭୁବନେଶ୍ୱର ବାସଭବନରେ ସାକ୍ଷାତ କରି ପୁସ୍ତକ ଉପହାର ପ୍ରଦାନ କରିବା ସହିତ ଦଳିତ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ । ପୁସ୍ତକ ଦଳିତଙ୍କ ଚେତନାକୁ ଅଗ୍ରସର କରିବା ସହିତ ଓଡିଆ ସାହିତ୍ୟକୁ ଅଧିକ ରୁଦ୍ଧିମନ୍ତ କରିବ ବୋଲି ସାଂସଦ ଶ୍ରୀମତୀ ସେଠୀ ମତବ୍ୟକ୍ତ କରିଛନ୍ତି ।

ଦାନଗଦୀରେ ନୂତନ ତହସିଲଦାରଙ୍କ ଯୋଗଦାନ

॥ ପ୍ରଭାନ୍ୟୁଜ ॥ ଦାନଗଦୀ,୧।୧୧: ଦାନଗଦୀ ତହସିଲର ନୂତନ ଭାବରେ ସ୍ମୃତି ରେଖା ଦାସ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଖୋର୍ଦ୍ଧାର ଜିଲାର ଡେପୁଟି ଜିଲାପାଳ ଭାବରେ କାର୍ଯ୍ୟ କରୁଥିଲେ ଏବଂ କାର୍ଯ୍ୟାଳୟରେ ଅଧିକାରୀ ଭାବରେ କାର୍ଯ୍ୟ କରି ନିଜର କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରି ଲୋକଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ପୂର୍ବରୁ ଉକ୍ତ ତହସିଲରେ ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ କାର୍ଯ୍ୟ କରୁଥିଲେ । ତାଙ୍କର କେନ୍ଦ୍ରାପଡା ଜିଲାର ଡେରାବିସି ତହସିଲକୁ ଅତିରିକ୍ତ ତହସିଲଦାର ଭାବେ ବଦଳି ହୋଇଛି ।

ନଦୀବନ୍ଧରେ ବାଲିଗାଡ଼ିକୁ ବିରୋଧ

॥ ପ୍ରଭାନ୍ୟୁଜ ॥ ଯାଜପୁର, ୧।୧୧: ବନ୍ଧମୁଣ୍ଡା ଘାଟରେ ଚାଲିଥିବା ବାଲି ଉତୋଳନ ଯୋଗୁଁ ନଦୀ ବନ୍ଧ ରାସ୍ତା ନଷ୍ଟ ହେଉଛି । ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ ପରେବି ପ୍ରଶାସନ କିଛି ଶୁଣୁନି । ଏହାରି ଭିତରେ ବାଲି ଗାଡ଼ି ଚାଲୁଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିବାକୁ ରାସ୍ତାକୁ ଓହ୍ଲାଇଥିଲେ । ଯାଜପୁର ତହସିଲ ଅନ୍ତର୍ଗତ କମଳପୁର ଓ ବନ୍ଧମୁଣ୍ଡା ଘାଟରେ ଚାଲିଥିବା ବାଲି ଉତୋଳନ ଯୋଗୁଁ ନଦୀ ବନ୍ଧ ରାସ୍ତା ନଷ୍ଟ ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବାଲିଗାଡ଼ିକୁ ଅଟକାଇଥିଲେ । ବିଜେପି ଯୁବ ମୋର୍ଚ୍ଚା ନେତା ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ଏକାଧିକ ଦଳୀୟ କର୍ମୀ ବାଲି ବୋଝେଇ ଗାଡିକୁ ରାସ୍ତା ରେ ଅଟକ ରଖିବା ସହିତ ଅନଲୋଡ଼ କରାଇଥିଲେ । ବିଜେପିକର୍ମୀ ବିଭିନ୍ନ ନାରବାଜି ସହିତ ଟାୟାର ଜାଳି ପ୍ରତିବାଦ କରିଥିଲେ ।ଉକ୍ତ ରାସ୍ତା ରେ ବାଲି ଗାଡି ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମାବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ଖବର ପାଇ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଁଚିଥିଲା ।

ପୌରାଧକ୍ଷାଙ୍କ ବିରୁଦ୍ଧରେ ଅପମାନଜନକ ଅଡିଓ ଭାଇରାଲ

॥ ପ୍ରଭାନ୍ୟୁଜ ॥ ଆନନ୍ଦପୁର,୧।୧୧: ନୂଆ କାଉନସିଲ ବଡ଼ି ଗଠନ ହେବା ଦିନରୁ ସର୍ବଦା କିଛିନା କିଛି ବିବାଦକୁ ନେଇ ଚର୍ଚ୍ଚାରେ ରହି ଆସୁଛି । କେତେ ବେଳେ କାଉନସିଲର ପୌରାଧକ୍ଷାଙ୍କ ବିରୁଦ୍ଧରେ ଦଳର ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କୁ ଭେଟିବା ହେଉ ଅବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ହେଉ. ପୁଣି କେତେବେଳେ ପୌରାଧକ୍ଷାଙ୍କ କାର୍ଯ୍ୟାଳୟରୁ ଫାଇଲ ଚୋରି ହେଉ ଅବା ପୌରାଧକ୍ଷା ଏବଂ ବିଧାୟକଙ୍କ ମଧ୍ୟରେ ମନାନ୍ତର ମତାନ୍ତର ହେଉ । ଏତେସବୁ ପରେ ପୁଣି ଆଉ ଏକ ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ପୌରାଧକ୍ଷାଙ୍କୁ ସାମାଜିକ ଗଣ ମାଧ୍ୟମରେ କେହି ଜଣେ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିବାର ଅଡିଓ ଭାଇରାଲ ହୋଇ ସାମାଜିକ ଗଣ ମାଧମରେ ଘୁରି ବୁଲୁଛି । ପୌରାଧକ୍ଷାଙ୍କୁ ଗାଳି ଦେଉଥିବା ବ୍ୟକ୍ତି କିଏ ଏବଂ ଏହି ଅଡିଓକୁ କିଏ ଭାଇରାଲ କରିଛି ବା ଏହି ଅଡିଓର ସତ୍ୟତା କେତେ ଅଛି ତାହା ତଦନ୍ତ ହେଲେ ଜଣା ପଡିବ ।

ଖୋର୍ଦ୍ଧା ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

॥ ପ୍ରଭାନ୍ୟୁଜ୍ ॥ ଭଣ୍ଡାରିପୋଖରୀ, ୧।୧୧: ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ବେଲଗଡ଼ିଆ ଗ୍ରାମର ସୁଧାକର ସାମଲଙ୍କ ବଡ଼ପୁଅ କମଳାକାନ୍ତ(୩୫)ଙ୍କ ମୃତଦେହ ଖୋର୍ଦ୍ଧା ରେଳ ଷ୍ଟେସନ ନିକଟରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ କମଳାକାନ୍ତ କିଛି ମାସ ହେବ ରେଳ ଲାଇନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ବୁଧବାର ସକାଳୁ ଟ୍ରେନ ଲାଇନରେ କଟି ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଖବର ପାଇଥିଲେ । ଘଟଣାସ୍ଥଳରେ ସମ୍ପର୍କୀୟ ମାନେ ପହଞ୍ଚି ମୃତଦେହ ଚିହ୍ନଟ କରିଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । କାରଣ କମଳାକାନ୍ତଙ୍କ ଗୋଡ଼ରେ ଗାମୁଛା ବନ୍ଧାଯାଇଥିବା ବେଳେ ରେଳ ଧାରଣାରୁ ତାଙ୍କର ମୃତଦେହ ମିଳିବା ଘଟଣାକୁ ପରିବାର ଲୋକ ସହଜରେ ଏହାକୁ ଗ୍ରହଣ କରି ପାରୁନାହାନ୍ତି । ଏନେଇ ସଠିକ ତଦନ୍ତ ହେଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି ।

ଦୁର୍ନୀତି ନିବାରଣ ସଚେତନତା ପାଇଁ ମିଶନଶକ୍ତି ମହିଳାଙ୍କ ଶୋଭାଯାତ୍ରା

॥ ପ୍ରଭାନ୍ୟୁଜ୍ ॥ ଭଦ୍ରକ, ୧।୧୧: ଅକ୍ଟୋବର ୩୦ ତାରିଖରୁ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ମିଶନ ଶକ୍ତି ଆନୁକୂଲ୍ୟରେ ଏସ୍.ଏଚ୍.ଜି, ବ୍ଲକ୍ ଓ ଜିଲ୍ଲା ମହାସଂଘ ତଥା ମିଶନ ଶକ୍ତିର ଅନ୍ୟ ପଦପଦବୀରେ ଥିବା ମହିଳାମାନଙ୍କ ଦ୍ୱାରା ଏକ ସାମୂହିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ପୁରୁଣା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଏହି ଶୋଭାଯାତ୍ରା ବାହାରିଥିଲା । ନଭେମ୍ବର ୧ ତାରିଖ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଡିଏସ୍‌ପି ଭିଜିଲାନସ୍ , ଭଦ୍ରକ ବଙ୍କିମ୍ ବାଓ୍ୱାଲି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ, ଡି.ପି.ସି. ମିଶନ ଶକ୍ତି ଅଭିକ୍ ନାରାୟିଣ୍ ପ୍ରମୁଖ ଯୋଗଦେଇଥିଲେ । ପ୍ରାୟ ୨୦୦ ପାଖାପାଖି ମିଶନ ଶକ୍ତି ମହିଳା ଏହି ଶୋଭାଯାତ୍ରାରେ ସାମିଲ ଥିଲେ । ଦୁର୍ନୀତି ନିବାରଣ ସଚେତନତା ବିଭିନ୍ନ ବାଲୟର୍ଲା ସମ୍ବଳିତ ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ ।

ଚୋରକୁ ବାନ୍ଧିଲେ ଲୋକେ

॥ ପ୍ରଭାନ୍ୟୁଜ ॥ ଯାଜପୁର, ୧।୧୧: ଘରୁ ଚୋରି କରୁଥିବା ସମୟରେ ଚୋରକୁ କାବୁ କଲେ ଲୋକେ । ଚୋରକୁ ବାନ୍ଧିବା ସହ ଯୋତା ମାଳ ପକାଇ ଥିଲେ । ପରେ ଲୋକେ ଚୋରକୁ ପୁଲିସ ଜିମା ଦେଇଥିଲେ । ଏଭଳି ଦୃଶ୍ୟ ମାର୍କଣ୍ଡପୁର ଗାଁରେ ଦେଖିବାକୁ ମିଳିଥିଲା । ଖବର ମତେ କିଛିଦିନ ତଳୁ ଗାଁର ବିଭିନ୍ନ ଘରୁ ଲଗାତାର ଚୋରି ହେଉଥିବା ବେଳେ ଚୋର ପିତଳ ହାଣ୍ଡି, ଥାଳି, ମୋବାଇ ଫୋନ ଏମିତି ବିଭିନ୍ନ ଘର ସାଗ୍ରୀ ଚୋରି କରୁଥିଲା । ହେଲେ ଚୋର ସଂପର୍କରେ କେହି ଟେରପାଉନଥିଲେ । ଆଜି ସକାଳୁ ସେଇ ଗ୍ରାମରେ ସରୋତମ ସୁତାର ଗାଁ ଲୋକେ କାବୁ କରି ଚୋରି ହୋଇଥିବା ସାମଗ୍ରୀ ଘରୁ ଜବଦ କରିଥିଲେ ।

ବ୍ଲକସ୍ତରୀୟ ଦକ୍ଷତା ତାଲିମ୍ ପରାମର୍ଶ ଶିବିର ପାଇଁ ପ୍ରସ୍ତୁତି ବୈଠକ

॥ ପ୍ରଭାନ୍ୟୁଜ୍ ॥ ଭଦ୍ରକ, ୧।୧୧: ଅଗ୍ରଣୀ ବେସରକାରୀ ସଂସ୍ଥା କମ୍ପାନୀ ଆଦି କ୍ଷେତ୍ରରେ ନିଯୁକ୍ତି ପାଇଁ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ତାଲିମ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ଯୁବ ଗୋଷ୍ଠୀଙ୍କ ନିମନ୍ତେ ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକରେ ପରାମର୍ଶ ଶିବିର ଆୟୋଜନ ନେଇ ଆଭାସି ଜରିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକରେ ପରାମର୍ଶ ଶିବିର ଆୟୋଜନ ପାଇଁ ଦିନ,କେନ୍ଦ୍ର ନିର୍ଦ୍ଧାରଣ ସହିତ ଶିବିର ପ୍ରସ୍ତୁତି ଓ ପରିଚାଳନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସୂଚନା ଯୋଗ୍ୟକି ପଞ୍ଚମ ଶ୍ରେଣୀ ପାସ୍‌ରୁ ଉର୍ଦ୍ଧ୍ୱ ଏବଂ ସ୍କୁଲ ଓ କଲେଜ ପାଠ୍ୟକ୍ରମ ମଝିରେ ପଢ଼ା ଛାଡ଼ିଥିବା ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ ଏହି ପରାମର୍ଶ ଶିବିର ଆୟୋଜନ କରାଯାଇଥାଏ । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ନିଯୁକ୍ତି ମିଶନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ କେତେକ ଅଗ୍ରଣୀ ବେସରକାରୀ ସଂସ୍ଥାମାନଙ୍କ ସହଭାଗିତାରେ ଚାହିଦା ଥିବା ସେକ୍ଟର ଗୁଡ଼ିକରେ ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ଅବଧି ତାଲିମ ପାଇଁ ବ୍ଲକ୍ ସ୍ତରୀୟ ଏହି ପରାମର୍ଶ ଶିବିର ନଭେମ୍ବର ତୃତୀୟ ସପ୍ତାହ ଠାରୁ ବ୍ଲକ୍ ମାନଙ୍କରେ ଅନୁଷ୍ଠିତ ହେବ । ତାଲିମ ସମାପ୍ତ ପରେ ପ୍ରଶିକ୍ଷିତମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କରେ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବେ । ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପିଲାମାନେ ଇଚ୍ଛାମୁତାବକ ଟ୍ରେଡ୍‌ରେ ତାଲିମ୍ ନେଇ ପାରିବେ । ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବାବଦରେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ଏହି ଶିବିରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ତାଲିମ୍‌ର ସୁଯୋଗ ଅଛି ଏବଂ ଶିବିରରେ ସେମାନଙ୍କ ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଇଚ୍ଛୁକ ପ୍ରାର୍ଥୀ, ପ୍ରାର୍ଥିନୀମାନେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର ଏବଂ ଫଟୋ ସହିତ ଏହି ଶିବିରରେ ଯୋଗଦେଇ ପ୍ରଦତ୍ତ ସୁବିଧାର ସୁଯୋଗ ନେଇ ପାରିବେ । ଜିଲ୍ଲା ନିୟୋଜନ ଅଧିକାରିଣୀ ଅନୀତା ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଆଭାସି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲାର ସମସ୍ତ ବିଡ଼ିଓ ସଂପୃକ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏଥିରେ ଯୋଗଦେଇ କଥିତ ପରାମର୍ଶ ଶିବିର ଆୟୋଜନ ସଫଳତା ପାଇଁ ମତାମତ ପ୍ରଦାନ କରିଥିଲେ ।

ପୂର୍ବ ତଟ ରେଳପଥ

'ଇ' କ୍ରୟ ପ୍ରଣାଳୀ

ସଂ. MCS/Stores/E-Procure/Tender Notice/280, ତା.18.10.2023ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି ।

କ୍ରମ ସଂ. 1 - ଟେଣ୍ଡର ସଂ. 92235911

ବିବରଣୀ : ପାର୍ଟ ନଂ. 4F-125187 ନିମନ୍ତେ ବ୍ରେକ୍ ସିଲିଣ୍ଡର-PBACM 254-130, ମେକ୍- FAIVELEY, ପରିମାଣ : 08 ଗୋଟି ।

ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପର ଠାରୁ 36 ମାସ ।

କ୍ରମ ସଂ. 2 - ଟେଣ୍ଡର ସଂ. 92235912

ବିବରଣୀ : ପାର୍ଟ ନଂ.4F-130199 ନିମନ୍ତେ ବ୍ରେକ୍ ଆକ୍ଟ୍ୟୁଏଟର ଟାଇପ୍ PBEC (90 Deg), ମେକ୍- FAIVELEY, ପରିମାଣ : 08 ଗୋଟି ।

ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପର ଠାରୁ 30 ମାସ ।

କ୍ରମ ସଂ. 3 - ଟେଣ୍ଡର ସଂ. 92235916

ବିବରଣୀ : ଡ୍ରଇଂ/ବିନିର୍ଦ୍ଦେଶ ICF ଡ୍ରଇଂ ନଂ.T-0-5-667, Alt. No.j/Nil ନିମନ୍ତେ ନନ୍-ଏସି କୋଚ୍‌ଗୁଡ଼ିକର ବୋଲଷ୍ଟର ସସ୍‌ପେନ୍‌ସନ ପାଇଁ ଲୋ ସ୍ପିଙ୍ଗ୍ ବିମ୍ ଆରେଞ୍ଜମେଣ୍ଟ, ପରିମାଣ : 200 ଗୋଟି ।

ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପର ଠାରୁ 60 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 13.11.2023, 1500 ଘଟିକାରେ (ସମସ୍ତ କ୍ରମ ସଂ. ପାଇଁ) ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-718/O/23-24

ପୂର୍ବତନ ରାଜ୍ୟ ମହିଳା ଆୟୋଗ ସଦସ୍ୟାଙ୍କୁ ସମ୍ବର୍ଦ୍ଧନା



॥ ପ୍ରଭାନ୍ୟୁଜ ॥ ଆନନ୍ଦପୁର, ୧।୧୧: ଆନନ୍ଦପୁର ପୌର ପରିଷଦର ପ୍ରାକ୍ତନ ଉପନଗରପାଳ ତଥା ରାଜ୍ୟ ମହିଳା ଆୟୋଗର ପୂର୍ବତନ ସଦସ୍ୟା ଆରତୀ ସିଙ୍କୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ମହିଳା ମାନଙ୍କ ଆର୍ଥିକ ବିକାଶ କର୍ମଶାଳାରେ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀମତୀ ସିଙ୍କୁ ନିଜର କାର୍ଯ୍ୟ ଦକ୍ଷତା ଏବଂ ମହିଳାଙ୍କ ପାଇଁ ନିଜର ପ୍ରତିବଦ୍ଧତା ପାଇଁ ସମ୍ମାନୀତ କରାଯାଇଛି । ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା ଅତିଥି ଭାବେ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାୟକଙ୍କ ସମେତ ଆୟୋଗ ସଦସ୍ୟା ଉପସ୍ଥିତ ରହିଥିଲେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



॥ ପ୍ରଭାନ୍ୟୁଜ୍ ॥ ଭଦ୍ରକ, ୧।୧୧: ପିଲା ମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ନିମନ୍ତେ କୈଶୋର ସମୟ ହିଁ ପ୍ରକୃଷ୍ଟ ସମୟ । ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ସୁରଭି ଏକ ଅନନ୍ୟ ପ୍ରୟାସ । ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ, ସୁରଭି ୨୦୨୩ ଓ ଓଡିଶା ମିଲେଟ୍ ପ୍ରତିଯୋଗିତା ସଂପାଦିତ ହୋଇଯାଇଛି । ଏହି ଉତ୍ସବ ଉପଲକ୍ଷେ ପୁରସ୍କାର ବିତରଣ ସଭାରେ ଜିଲ୍ଲାପାଳ, ଭଦ୍ରକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ବିତରଣ କରିଥିଲେ । ଜୀବନରେ ସଫଳତା ପାଇଁ ଲକ୍ଷ ସ୍ଥିର କରିବା ସହିତ ଏହାକୁ ହାସଲ କରିବା ନିମନ୍ତେ ନିଷ୍ଠାର ସହ ଅଧ୍ୟବସାୟ ଜାରି ରଖିବାକୁ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ପୂର୍ବାହ୍ଣ ୧୦ ଘଟିକାରେ ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ ଓ ମାୟାଧର ସାହୁ, ସମସ୍ତ ବ୍ଲକ ଶିକ୍ଷାଧିକାରୀ, ସଂଯୋଜିକା ସମଗ୍ର ଶିକ୍ଷା ଇତିଶ୍ରୀ ମିଶ୍ର, ଡି.ଆଇ.ଇ.ଟି. ଆଗରପଡାର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରାଯାଇଥିଲା । ଜିଲ୍ଲାର ୨୫୨ଜଣ ପ୍ରତିଯୋଗୀ ୩୦ଟି ବିଭାଗରେ ଭାଗନେଇଥିବା ବେଳେ ମୋଟ୍ ୯୦ ଜଣଙ୍କୁ କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ୧ମ, ୨ୟ ଓ ୩ୟ ଭାବରେ ପୁରସ୍କୃତ କରାଯାଇଥିଲା । ପ୍ରକାଶ ଥାଉକି ସେମାନଙ୍କ ମଧ୍ୟରୁ କେବଳ ୧ମ ସ୍ଥାନରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ରାଜ୍ୟ ସ୍ତରରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

Paradeep Phosphates Limited

PARADEEP PHOSPHATES LIMITED

Regd. Office: 5th Floor, Bayan Bhawan, Pt J N Marg, Bhubaneswar - 751 001
Tel: +91 080 45855561; E-mail: cs.ppl@adventz.com; **Website:** www.paradeepphosphates.com
CIN - L24129OR1981PLC001020

Extract of Statement of Unaudited Financial Results for the Quarter and six months ended September 30, 2023

(Rs. in Crore)

Sr. No.	Particulars	STANDALONE						CONSOLIDATED					
		3 Months ended 30-09-2023 (Unaudited)	3 Months ended 30-06-2023 (Unaudited)	3 Months ended 30-09-2022 (Unaudited)	6 Months ended 30-09-2023 (Unaudited)	6 Months ended 30-09-2022 (Unaudited)	Year ended 31-03-2023 (Audited)	3 Months ended 30-09-2023 (Unaudited)	3 Months ended 30-06-2023 (Unaudited)	3 Months ended 30-09-2022 (Unaudited)	6 Months ended 30-09-2023 (Unaudited)	6 Months ended 30-09-2022 (Unaudited)	Year ended 31-03-2023 (Audited)
1	Total income from operations	3,694.01	3,073.51	2,869.81	6,767.52	5,314.20	13,431.79	3,694.01	3,073.51	2,869.81	6,767.52	5,314.20	13,431.79
2	Net Profit/ (Loss) for the period before Tax	120.37	(158.76)	68.00	(38.39)	152.75	425.67	120.37	(159.29)	68.36	(38.92)	153.23	426.17
3	Net Profit / (Loss) for the period before tax (after Exceptional and/or Extraordinary Items)	120.37	(158.76)	68.00	(38.39)	152.75	425.67	120.37	(159.29)	68.36	(38.92)	153.23	426.17
4	Net Profit / (Loss) for the period after tax (after Exceptional Items)	89.43	(119.41)	50.74	(29.98)	113.39	303.68	89.43	(119.94)	51.10	(30.51)	113.87	304.18
5	Total Comprehensive Income / (Loss) for the period [comprising Profit / (Loss) for the period (after tax) and Other Comprehensive Income / (Loss) (after tax)}]	90.49	(120.39)	51.45	(29.90)	114.83	304.37	90.53	(120.40)	51.55	(29.87)	115.06	304.62
6	Paid up Equity Share Capital (Face Value of Rs. 10/- each)						814.50						814.50
7	Other Equity						2,690.71						2,690.20
8	Earnings Per Share (of Rs. 10/- each) (not annualised)												
	(a) Basic (Rs)	1.10	(1.47)	0.62	(0.37)	1.52	3.89	1.10	(1.47)	0.63	(0.37)	1.53	3.90
	(b) Diluted (Rs)	1.10	(1.47)	0.62	(0.37)	1.52	3.89	1.10	(1.47)	0.63	(0.37)	1.53	3.90

NOTES:

1. The above is an extract of the detailed format of the financial results for the quarter and six months ended 30th September 2023, filed with the Stock Exchanges on 31st October 2023 under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the Unaudited Financial Results for the quarter and six months ended 30th September 2023 are available on the Company's website www.paradeepphosphates.com and on the website of the Stock Exchanges www.nseindia.com and www.bseindia.com.
2. The results have been prepared in accordance with the Indian Accounting Standards ("Ind AS") as prescribed under Section 133 of the Companies Act, 2013 read with relevant rules issued thereunder

Place : Bhubaneswar
Date : October 31, 2023

For and on behalf of the Board of Directors
Paradeep Phosphates Limited
Sd/
N Suresh Krishnan
Managing Director
DIN: 00021965